# ତହସିଲଦାରଙ୍କ କାର୍ଯ୍ୟାଳୟ ,ବୋରିଗୁମ୍ମା (କୋରାପୁଟ)

ପତ୍ର ସଂଖ୍ୟା :- ୨୨୧୪/୨୦୧୯ ତାରିଖ :-୧୯.୦୭.୨୦୧୯

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ ନିମନ୍ତେ

## ବିଜ୍ଞାପନ

## ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୬ ଅନୁଯାୟୀ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ସୈରାତ୍ ଉତ୍ସର ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକ ଅନ୍ୟୁନ ୫ ବର୍ଷ ନିମନ୍ତେ ବର୍ଷ୨୦୧୯ -୨୦ ଠାରୁ ବର୍ଷ୨୦୨୩ -୨୪ ପର୍ଯ୍ୟନ୍ତ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ ୨୦୧୬ ର ଫର୍ମ –ଏମ ତିନିଗୋଟି ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ର ସହିତ ଯଥା ଟ.୧,୦୦୦/-(ଏକ ହଜାର ଟଙ୍କା ) ର ଟ୍ରେଜରି ଚାଲାଣ (Head of Account -0853 –Non –Ferro Mining and Metallurgical Industries 102 Mineral Concession Fees ,Rents and Royalties') (ଫେରସ୍ତ ଦିଆଯିବ ନାହିଁ). ଦରଖାସ୍ତ ନିମନ୍ତେ ଉ ର ନାମ,ତଫସିଲ ଓ ସରହଦ ବିବରଣୀ , ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ , ସାଲଭେନସି ପ୍ରମାଣପତ୍ର ତଥା ସ୍ଥାବର ସମ୍ପତ୍ତିର ବିବରଣୀ /ବ୍ୟାଙ୍କ ଗ୍ୟାରଣ୍ଟି , ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ , ଅଭିଜ୍ଞତା , ପାଖରେ ଥିବା ଯନ୍ତ୍ରସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ସହ ସଲଗ୍ନକରି ଲଫାପାରେ ରେଜିଷ୍ଟ୍ରି ସ୍ପିଡ ପୋଷ୍ଟ ଯୋଗେ ସଂପୃକ୍ତ ତହସିଲ ଠିକଣାରେ ପଠାଇବେ । ଦରଖାସ୍ତକାରୀ କଉଁ ସୈରାତ୍ ଉତ୍ସର ନିମନ୍ତେ ଆବେଦନ କରୁଛନ୍ତି ତାହାର ସବିଶେଷ ବିବରଣୀ ଲଫାପା ଉପରେ ଲେଖିବେ । ଦରଖାସ୍ତରେ ଲିଜ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ (ଯଥା –ପଥର ପ୍ରତି ଘନ ମି. ପ୍ରତି ୧୩୦ ଟଙ୍କା ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା: ୦୬.୦୮.୨୦୧୯ ସମୟ ଅପରାହ୍ନ ୪.୩୦ ଘଣ୍ଟା ଅଟେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଲିଜରେ ଅଂଶ ଗ୍ରହଣ କରୁଥିବ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି , ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ନୁହେଁ କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା ୦୭.୦୮.୨୦୧୯ ରିଖ ଦିବା ୧୧.୦୮.୨୦୧୯ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟଳୟ ପ୍ରକୋଷ୍ଠରେ ଖୋଲାଯିବ। ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟ ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ ଏହା ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏତତବ୍ୟତୀତ ଦରଖାସ୍ତକାରୀ ନିଜର ଆବେଦନ ଫର୍ମ (M) ସହିତ ଧାର୍ଯ୍ୟକରାଯାଇଥିବା EMD ମୂଲ୍ୟର Bank draft/Bankers cheque ମାଧ୍ୟମରେ Tahasildar, Borigumma ଙ୍କ ନାମରେ ଜମାଦେବେ । ଏହାସହିତ ନିର୍ଦ୍ଧାରିତ ମୂଲ୍ୟର ଶୋଧକ୍ଷ୍ୟମାତା ପ୍ରମାଣପତ୍ର ( Solvency certificate) ମଧ୍ୟ ସଂଯୋଗ କରିବେ ।

ଏହାବ୍ୟତୀତ ଯୋଗ୍ୟ ବିବେଚିତ ନିଲାମଧାରି ଧାର୍ଯ୍ୟ ସମୟ ସୀମା ମଧ୍ୟରେ Mining Plan ଏବଂ Environment Clearance ଦାଖଲ କରିବେ । Mining Plan ଟି Form ZB ରେ ଭୂତତ୍ତ୍ୱବିତ , ଯୁଗ୍ମ ନିର୍ଦ୍ଦେଶକ , ଭୂତତ୍ତ୍ୱ ବିଭାଗ, କୋରାପୁଟ / ଖଣି ଅଧିକାରୀ କୋରାପୁଟଙ୍କ ନିକଟକରୁ ଅନୁମୋଦିତ ହୋଇଥିବା ବିଧେୟ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଓ ଦରଖାସ୍ତରେ ଦେଇଥିବା ରୟାଲିଟ ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲିଜ ଧାରିଙ୍କୁ ଏକକକାଳୀନ ଦାଖଲ କରିବାକୁ ପଡିବ ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ ୨୦୧୬ ର ନିୟମାନୁଯାଇ ଲଘୁଖନିଜ ଦ୍ରବ୍ୟର ବର୍ଦ୍ଧିତ ମୂଲ୍ୟ ମଧ୍ୟ ନିର୍ଧାରିତ ବର୍ଷଠାରୁ ଲାଗୁକରାଯିବ ଓ ଏହା ଲିଜିଧାରିହିଁ ଦେବାକୁ ପଡିବ । ଏହାପରେ ଲିଜଧାରି ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତିପତ୍ର ( ରେଜ୍ରିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ) ସମ୍ପାଦନ କରିବେ । ଯଦି ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଆବେଦନକାରୀ ସର୍ତ୍ତାବଳିର ଖିଲାଫ କରନ୍ତି , ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲିଟି ଦର୍ଶାଇଥିବା ଆବେଦନକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

ଏହା ବ୍ୟତିତ ଆବେଦନକାରି ବା ଲିଜଧାରି ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ଓ ପରିଚାଳନା ପାଣ୍ଠି ବାବଦକୁ , ୧୦ ପ୍ରତିଶତ ଜିଲ୍ଲା ଖଣିଜ ମୂଳଦୁଆ ଟ୍ରଷ୍ଟ (DMFT) ବାବଦକୁ ଏବଂ ୨ %( ଶତକଡା ଦୁଇ)ରୟାଲଟି ମୂଲ୍ୟ ଆୟକରବାବଦକୁ ପୈଠ କରିବାକୁ ପଡିବ । ଧାରା – ୨୮ ଅନୁଯାୟୀ ଲିଜଧାରିଙ୍କୁ ପ୍ରତ୍ୟେକ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା ରୟାଲିଟି ସହିତ Compensatory afforestation ( କ୍ଷତିପୂରକ ବନୀକରଣ ) ନିମନ୍ତେ ଫି ଏବଂ surface rent ଓ Dead Rent ଦାଖଲ କରିବାକୁ ପଡିବ । ଲିଜଧାରିଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି / Additional charge ଧାର୍ଯ୍ୟ ମୂଲ୍ୟ ଜମା

କରିବାକୁ ପଡିବ ।ଆବଶ୍ୟକସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରୀଟି ବାବଦ ଜମା ରାଶିକୁ ବ୍ୟାଜ୍ୟାପ୍ତି କରିବାର କ୍ଷମତା କ୍ଷମତାଧାରି ଅଧିକାରୀଙ୍କ ରହିଛି । ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ ନିମ୍ନ ସ୍ବାକ୍ଷରକାରି କରିପାରିବେ । ଆବେଦନକାରୀ/ଲିଜଧାରି ବ୍ୟକ୍ତିମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ ୨୦୦୪ , ତଥା ସଂଶୋଧୀତ OMMC/(Amendment) Rule : ୨୦୧୬ ର ପରିସରଭୁକ୍ତ ରହିବେ । ଏଥି ସହିତ ସମସ୍ତ ସବିଶେଷ ତଥ୍ୟ ଏବଂ ସର୍ତ୍ତାବଳୀ ଦରକାରକରୁଥିଲେ ତାହା ଜିଲ୍ଲା ୱେବସାଇଟରୁ ପାଇପାରିବେ କିମ୍ବା ଏଥି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ସମସ୍ତ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

<u>ଦୀର୍ଘ ମିଆଦି ଲଘୁ ଖଣିଜଦ୍ରବ୍ୟ ଲିଜ ନିମନ୍ତେ ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ</u>

OMMC ( Amendment) Rules:- 2016 of 2004

୧) ଦରଖାସ୍ତ ଫର୍ମ ନମ୍ବର ଏମ ( M ) ର ତିନିଗୋଟି ଫର୍ମ ପୁରଣକରି ଏଥିରେ ଦର୍ଶାଯାଇଥିବା ସମସ୍ତ ବିବରଣୀ ସହ ଦରଖାସ୍ତ କରିବେ ।

୨) ଦରଖାସ୍ତ ପାଉଣା ବାବଦକୁ ଟ,୧୦୦୦/-ଙ୍କା ( ଏକହଜାର ଟଙ୍କା) ମାତ୍ର ( ଅଣଫେରସ୍ତ) ଟ୍ରେଜିରୀ ଚାଲାଣ ସଂଲଗ୍ନ କରିବେ ।

୩) ପ୍ରସ୍ତାବିତ ସୈରାତ୍ ଉତ୍ସ ର ତଫସିଲ ସହ ଚୌହେଦିର ସଂପୂର୍ଣ୍ଣ ବିବରଣୀ ଉତ୍ସ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ବାରା ପ୍ରସ୍ତୁତ କରାଯାଇଥିବା ନକ୍ସା ମେଳକରି ସଂଲଗ୍ନ କରିବେ ।

୪) ସୈରାତ୍ ଉତ୍ସ ବାବଦରେ କୌଣସି ବକେୟା ଅର୍ଥ ପଇଠକରିବାକୁ ନଥିବା ଏକ ସତ୍ୟପାଠ ସଂଲଗ୍ନ କରିବେ ।

୫) ଆବେଦନକାରୀ ଲଘୁଖଣିଜଦ୍ରବ୍ୟର ଧାର୍ଯ୍ୟ ରୟାଲଟି ମୂଲ୍ୟଠାରୁ କେତେ ଅଧିକ ମୂଲ୍ୟରେ ନେବାକୁ ଇଚ୍ଛୁକ ତାହା ଦରଖାସ୍ତରେ ଉଲ୍ଲେଖ କରିବେ।

୬) ଶୋଧକ୍ଷ୍ୟମତା ପ୍ରମାଣପତ୍ର ( Solvency certificate) କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରମାଣପତ୍ର ମଧ୍ୟ ସଂଲଗ୍ନ କରିବେ ।

୭) ଏହା ବ୍ୟତିତ ଯଦି ଅନ୍ୟ କୌଣସି ବୈଷୟିକଜ୍ଞାନ, ନିଜର ଦକ୍ଷୟତା। ସମ୍ବଧୀୟ ପ୍ରମାଣପତ୍ର ,ଯନ୍ତ୍ରପାତି ଓ ଆର୍ଥିକ ବାବଦୀୟ ସୂଚନା ଉପଲବ୍ଧ ଥାଏ, ତାହା ଆବେଦନ ଫର୍ମ ସହିତ ମଧ୍ୟ ସଂଲଗ୍ନ କରିବେ ।

## <u>ସର୍ତ୍ତାବଳୀ</u>

୧) ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ଆଇନ ୨୦୦୪ ସଂଶୋଧିତ ଆଇନ ୨୦୧୪ ଓ ୨୦୧୬ ର ପରିସରଭୁକ୍ତ ରହିବେ।

୨) ଲିଜ ପାଇଁ ଆବେଦନ ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନକରି ଏହାର ପରିଚାଳନା ନିମନ୍ତେ ଗମନାଗମନର ସୁବିଧା ଏବଂ ଏଥିରେଥିବା ଗଚ୍ଛିତ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ଅବଗତହେବା ଦରକାର।

୩) ସୈରାତ୍ ଉତ୍ସ ଟି ଲିଜପରେ ଏହାକୁ ଚଳାଇବା ନିମନ୍ତେ କୌଣସି ଅଭିଯୋଗ ଆସିଲେ ଏଥିପାଇଁ କର୍ତ୍ତୃପକ୍ଷ ଦାୟୀରହିବେ ନାହିଁ ।

୪) ଲିଜ ଦିଆଯାଇଥିବା ଧାର୍ଯ୍ୟସମୟସୀମା ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କର୍ତ୍ତୃପକ୍ଷ୍ୟ ଦାୟୀ ହେବେ ନାହିଁ ।

୫) ସର୍ବୋଚ ଲିଜଧାରୀ ନିଜ ଖର୍ଚରେ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତକରି ଦାଖଲକରିବେ ନଚେତ୍ ଲିଜ ବାତିଲ କରାଯିବ।

୬) ସର୍ବୋଚ ଲିଜଧାରୀ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ।

୮) ପରିବେଶ ମଞ୍ଜୁରୀ ( environment clearance) ନିମନ୍ତେ ଏକହଜାର ଟଙ୍କା ମୂଲ୍ୟର Bank draft Chairman District Environment Impact Assessment Authority ଙ୍କ ନାମରେ Scrutiny fee ବାବଦକୁ ଦେବାକୁ ପଡିବ।

୯) ସର୍ବୋଚ ଲିଜଧାରୀ mining plan ରେ ବାର୍ଷିକ ଉତ୍ତୋଳନ ନିମନ୍ତେ ଦର୍ଶାଇଥିବା ଲଘୁ ଖଣିଜଦ୍ରବ୍ୟ ପରିମାଣର ଆବଶ୍ୟକିୟ ରୟାଲଟି ସହିତ ଏଥିରେ ଦର୍ଶାଯାଇଥିବା ଅନ୍ୟାନ୍ୟ ରାଶି ( ପରିବେଶ ମଞ୍ଜୁରୀ ପ୍ରାପ୍ତିପରେ) ଜମାଦେଇ ଚୁକ୍ତିପତ୍ର (lease agreement) ସଂପାଦନ କରିବେ।(Regn. Act.1988).

୧୦) ପରିବେଶ ମଞ୍ଜୁରୀ ( environment clearance) ନିମନ୍ତେ ସର୍ବୋଚ ଲିଜଧାରୀ ସ୍ୱୟଂ ଦାୟିତ୍ୱ ନେବେ ।

୧୧) ସର୍ବୋଚ ଲିଜଧାରୀ ସୈରାତ୍ ଉତ୍ସର ନକ୍ସାନୁଯାଇ ଉତ୍ସଟିର ସୀମା ନିର୍ଧାରଣ ପାଇଁ ଏହାର ଚାରିଦିଗରେ ସିମେଣ୍ଟ ଖୁଣ୍ଟଦ୍ୱାର। ନିଜ ଖର୍ଚରେ ଆବଦ୍ଧ କରିବ। ସହିତ ସମ୍ମୁଖଭାଗରେ Display Board ସମସ୍ତ ବିବରଣୀ ସହ ସ୍ଥାପନ କରିବେ।

୧୨) ଉପୋରୋକ୍ତ ସମସ୍ତ କାର୍ଯ୍ୟ ସମାପନ ପରେ କ୍ଷମତା ପ୍ରାପ୍ତ ଅଧିକାରୀ ସୈରାତ୍ ଉତ୍ସରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିବେ ।

୧୩) ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତାହା ସଂଶୋଧନ ନିମନ୍ତେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଅଧିକାର ରହିଅଛି ।

୧୪) ବିବେଚିତ ସର୍ବୋଚ୍ଚ ଲିଜଧାରୀ ଯଦି ସୈରାତ୍ ଉତ୍ସ ନେବାର କୌଣସି ନିୟମ ଖିଲାପ କରନ୍ତି କିମ୍ବା ନେବା ପାଇଁ ଅନିଚ୍ଛୁକ ପ୍ରକାଶ କରନ୍ତି ତେବେ ତାର ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ।

୧୫) ସରକାଙ୍କଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟଠାରୁ କମ ଦର ଉଲ୍ଲେଖ କରିଥିଲେ ଆବେଦନକାରୀଙ୍କ ଦରଖାସ୍ତ ରଦ୍ଦ କରାଯିବ।

## ସୈରାତ ଉତ୍ସର ବିଶେଷ ବିବରଣୀ

| କ୍ର ନଂ | ମାମଲା ସଂଖ୍ୟା | ଲଘୁ ଖଣିଜ ଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ମୋଟ ରକବା ରକବା (ଏ) | ପ୍ରସ୍ତାବିତ ରକବା | ସର୍ବନିମ୍ନ ରୟାଲିଟି ମୂଲ୍ୟ (Per cum) | ସର୍ବନିମ୍ନ ମୂଲ୍ୟ ( Additional charge) | ବାର୍ଷିକ MGQ ର ପରିମାଣ | ଧାର୍ଯ୍ୟ ଅମାନତ ରାଶି ର ପରିମାଣ (ଟଙ୍କାରେ) | ଧାର୍ଯ୍ୟ ଶୋଧ ପତ୍ର ରାଶି ର ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୧୧୩/୧୮-୧୯ | ପଥରଖଣି | ଜାନିଗୁଡା। | ୧୫୨ | ୬୫୨ | ୨୧୩.୭୦ | ୭.୦୦ | ୧୩୦.୦୦ | ୭.୦୦ . | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୨ | ୫୧/୧୯-୨୦ | ପଥରଖଣି | ଜାନିଗୁଡା। | ୨୭୪ | ୧୧୩୬<br>୧୧୩୭ | ୪୯.୫୫<br>୫୪.୦୭ | ୯.୧୨<br>୨.୨୦ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୩ | ୫୨ /୧୯-୨୦ | ପଥରଖଣି | ବାଙ୍ଗିଗୁଡା | ୨୧୪ | ୨୮୬ | ୧୫.୨୦ | ୨.୩୬ | ୧୩୦.୦୦ | ୭.୦୦ | ୨୦୦୦ | ୨୭୪୦୦୦ | ୧୩୭୦୦୦୦ |
| ୪ | ୫୩ /୧୯-୨୦ | ପଥରଖଣି | ବାଣୁଆଗୁଡା। | ୨୧ | ୧୨୭ | ୨୯.୬୫ | ୪.୦୦ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୫ | ୫୪ /୧୯-୨୦ | ପଥରଖଣି | ବାଣୁଆଗୁଡା। | ୨୧ | ୧୩୬ | ୧୬.୨୦ | ୧.୩୦ | ୧୩୦.୦୦ | ୭.୦୦ | ୨୦୦୦ | ୨୭୪୦୦୦ | ୧୩୭୦୦୦୦ |
| ୬ | ୫୫ /୧୯-୨୦ | ପଥରଖଣି | ବାଣୁଆଗୁଡା। | ୨୧ | ୧୪୦ | ୧୨.୦୫ | ୩.୯୬ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୭ | ୫୮ /୧୯-୨୦ | ପଥରଖଣି | ବୁଲାଗୁଡା | ୯୪ | ୨୫୨ | ୨.୬୦ | ୦.୫୦ | ୧୩୦.୦୦ | ୭.୦୦ | ୨୦୦୦ | ୨୭୪୦୦୦ | ୧୩୭୦୦୦୦ |
| ୮ | ୫୯ /୧୯-୨୦ | ପଥରଖଣି | ବୁଲାଗୁଡା | ୯୪ | ୨୫୫ | ୮.୭୮ | ୧.୦୦ | ୧୩୦.୦୦ | ୭.୦୦ | ୨୦୦୦ | ୨୭୪୦୦୦ | ୧୩୭୦୦୦୦ |
| ୯ | ୬୦ /୧୯-୨୦ | ପଥରଖଣି | କଣାଗାଁ | ୩୮୨ | ୨୫୦ | ୭୨.୮୦ | ୧୦.୮୦ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୧୦ | ୬୧ /୧୯-୨୦ | ପଥରଖଣି | କଣାଗାଁ | ୩୮୨ | ୩୭୫ | ୧୫.୪୮ | ୧୦.,୦୦ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୧୧ | ୬୨ /୧୯-୨୦ | ପଥରଖଣି | ସରିଗିଗୁଡା | ୧୪୪ | ୫୧୨ | ୧୬.୧୦ | ୬,୧୦ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୧୨ | ୬୩ /୧୯-୨୦ | ପଥରଖଣି | ସରିଗିଗୁଡା | ୧୪୪ | ୫୬୩ | ୮.୩୫ | ୮.୩୫ | ୧୩୦.୦୦ | ୭.୦୦ | ୩୦୦୦ | ୪୧୧୦୦୦ | ୨୦୫୫୦୦୦ |
| ୧୩ | ୬୫ /୧୯-୨୦ | ବାଲିଶଯ୍ୟା | ହର୍ଦ୍ଧଳି | ୪୫୭ | ୨୩୧୪<br>୨୩୦୮ | ୧୧.୫୦<br>୩.୧୭ | ୧୧.୫୦<br>୦୧.୧୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୪ | ୬୬ /୧୯-୨୦ | ବାଲିଶଯ୍ୟା | ହର୍ଦ୍ଧଳି | ୪୫୭ | ୨୪୧୪ | ୧୪.୨୫ | ୧୨.୫୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୫ | ୬୭ /୧୯-୨୦ | ବାଲିଶଯ୍ୟା | ଟେଙ୍କର | ୨୧୧ | ୬୬୩ | ୧୯.୦୮ | ୧୨.୮୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୬ | ୬୯ /୧୯-୨୦ | ବାଲିଶଯ୍ୟା | ଟେଙ୍କର | ୨୧୧ | ୧୦୮୭ | ୧୪.୧୦ | ୧୨.୬୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୭ | ୭୦ /୧୯-୨୦ | ବାଲିଶଯ୍ୟା | କେରାପୁଟ | ୧୪୪ | ୫୪୨ | ୧୨.୫୦ | ୧୨.୫୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୮ | ୭୧ /୧୯-୨୦ | ବାଲିଶଯ୍ୟା | ସେମଳାଗୁଡା | ୧୬୮ | ୩୨୩ | ୨୯.୨୬ | ୧୨.୫୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |
| ୧୯ | ୭୨ /୧୯-୨୦ | ବାଲିଶଯ୍ୟା | ସେମଳାଗୁଡା | ୧୬୮ | ୩୨୩ | ୨୯.୨୬ | ୧୨.୬୦ | ୩୫.୦୦ | ୨.୦୦ | ୩୦୦୦ | ୧୧୧୦୦୦ | ୫୫୫୦୦୦ |

ତହସିଲଦାର,ବୋରିଗୁମ୍ମା